# India offers support for Africa to fight the Omicron variant

November 29, 2021

## ଓମିକ୍ରନ ଭାରିଆଣ୍ଟ ସହିତ ଲଢିବାରେ ଆଫ୍ରିକାକୁ ସହାୟତା ପାଇଁ ଭାରତ ପ୍ରସ୍ତାବ ଦେଇଛି

**ନଭେମ୍ବର 29, 2021**

କୋଭିଡ-19ର ଏକ ନୂତନ ପ୍ରକାର ଭାରିଆଣ୍ଟ ଓମିକ୍ରନର ସୃଷ୍ଟି ବିଷୟରେ ଆମେ ଅବଗତ ଅଛୁ। ଆମେ ଓମିକ୍ରନ ଭାରିଆଣ୍ଟ ଦ୍ୱାରା ପ୍ରଭାବିତ ହୋଇଥିବା ଦେଶମାନଙ୍କ ସହିତ ବିଶେଷକରି ଆଫ୍ରିକାର ଦେଶମାନଙ୍କ ସହିତ ଆମର ଏକତା ବ୍ୟକ୍ତ କରୁଛୁ।

ଆଫ୍ରିକାର ପ୍ରଭାବିତ ଦେଶମାନଙ୍କୁ ଓମିକ୍ରନ ଭାରିଆଣ୍ଟ ସହିତ ଲଢିବା ପାଇଁ ଭାରତ ନିର୍ମିତ ଟିକା ଯୋଗାଣ ନିମନ୍ତେ ଭାରତ ସରକାର ସହାୟତା କରିବାକୁ ପ୍ରସ୍ତୁତ ଅଛନ୍ତି। ଟିକା ଯୋଗାଣ କୋଭାକ୍ସ ବ୍ୟବସ୍ଥା କିମ୍ବା ଦ୍ୱିପାକ୍ଷିକ ବ୍ୟବସ୍ଥା ମାଧ୍ୟମରେ କରାଯାଇପାରିବ। ଏହି ପରିପ୍ରେକ୍ଷୀରେ ମାଲୱି, ଇଥିଓପିଆ, ଜାମ୍ବିଆ, ମୋଜାମ୍ବିକ, ଗିନିଆ ଏବଂ ଲେସୋଥୋ ଭଳି ଆଫ୍ରିକୀୟ ଦେଶକୁ କୋଭିସିଲ୍ଡ ଟିକା ଯୋଗାଣ ପାଇଁ କୋଭାକ୍ସ ବ୍ୟବସ୍ଥା ମାଧ୍ୟମରେ କରାଯାଇଥିବା ସମସ୍ତ ନିବେଦନକୁ ସରକାର ମଞ୍ଜୁରୀ ଦେଇଛନ୍ତି।  ଆମେ ବୋତସ୍ୱାନାକୁ ମଧ୍ୟ କୋଭାକ୍ସିନ ଯୋଗାଣ ପାଇଁ ମଞ୍ଜୁରୀ ଦେଇଛୁ। ଦ୍ୱିପାକ୍ଷିକ କିମ୍ବା କୋଭାକ୍ସ ବ୍ୟବସ୍ଥା ମାଧ୍ୟମରେ ଯୋଜନା ହୋଇଥିବା ଯେକୌଣସି ନୂତନ ଆବଶ୍ୟକତାକୁ ଶୀଘ୍ର ଧ୍ୟାନ ଦିଆଯିବ।

ଆବଶ୍ୟକୀୟ ଜୀବନ ରକ୍ଷକ ଔଷଧ, ଟେଷ୍ଟ କିଟ୍, ଗ୍ଲୋଭସ୍, ପିପିଇ କିଟ୍ ଏବଂ ଭେଣ୍ଟିଲେଟର ଭଳି ଚିକିତ୍ସା ଉପକରଣ ଯୋଗାଇବା ପାଇଁ ଭାରତ ମଧ୍ୟ ପ୍ରସ୍ତୁତ ଅଛି। ଭାରତୀୟ ଅନୁଷ୍ଠାନଗୁଡ଼ିକ ସେମାନଙ୍କର ଆଫ୍ରିକୀୟ ପ୍ରତିପକ୍ଷଙ୍କ ସହିତ ଜେନୋମିକ୍ ତଦାରଖ ଓ ଭାଇରସ ଗୁଣ ବର୍ଣ୍ଣନ ସମ୍ବନ୍ଧୀୟ ଗବେଷଣା କାର୍ଯ୍ୟରେ ସହଯୋଗକୁ ବିଶେଷ ଧ୍ୟାନ ଦେବେ।

[ଟିପ୍ପଣୀ: ଭାରତ ବର୍ତ୍ତମାନ ପର୍ଯ୍ୟନ୍ତ ଆଫ୍ରିକାର 41 ଟି ଦେଶକୁ 25 ମିଲିୟନରୁ ଅଧିକ ଭାରତ ନିର୍ମିତ ଟିକା ଯୋଗାଇ ଦେଇଛି, ଯେଉଁଥିରେ 16 ଟି ଦେଶକୁ ପ୍ରାୟ 1 ମିଲିୟନ ଡୋଜ ଏବଂ 33 ଟି ଦେଶକୁ କୋଭାକ୍ସ ବ୍ୟବସ୍ଥା ମାଧ୍ୟମରେ 16 ମିଲିୟନ ଡୋଜ ଅନ୍ତର୍ଭୁକ୍ତ।]

**ନୂଆଦିଲ୍ଲୀ**

**ନଭେମ୍ବର 29, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.